# ଓଡିଶା ସୂଚନା  କମିଶନ୍ କୈଫିୟତ୍ ଦେବେ କି ?

## କମିଶନ୍ଙ୍କ କ୍ଷମତା ଓ ଦାୟିତ୍ୱ

ସମଗ୍ର ଦେଶରେ ବହୁ ପ୍ରଶଂସିତ ଏବଂ ଅତ୍ୟନ୍ତ ପ୍ରଗତିଶୀଳ ବୋଲି ପରିଚିତ ସୂଚନା ଅଧିକାର ଆଇନ୍‌କୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର ଧାରା ୨୭ ଅନୁଯାୟୀ ଓଡିଶା ସୂଚନା ଅଧିକାର ନିୟମାବଳୀ ୨୦୦୫ ଏବଂ ପରେ ଏହାକୁ ସଂଶୋଧନ କରି ସଂଶୋଧିତ ନିୟମାବଳୀ ୨୦୦୬ ପ୍ରଣୟନ କରିବା ସହିତ ଧାରା ୧୫ ଅନୁଯାୟୀ ରାଜ୍ୟ ସୂଚନା କମିଶନ୍ ଗଠନ କରିସାରିଛନ୍ତି । ଅବସରପ୍ରାପ୍ତ ସରକାରୀ ଅଧିକାରୀ ଶ୍ରୀ ଡି.ଏନ୍.ପାଢୀଙ୍କୁ ମୁଖ୍ୟ ସୂଚନା କମିଶନର୍ ଏବଂ ପ୍ରଫେସର୍ ରାଧାମୋହନଙ୍କୁ ସୂଚନା କମିଶନର୍ ଭାବେ ନିଯୁକ୍ତି ଦିଆଯାଇଛି ।  ୨୦ ନଭେମ୍ବର ୨୦୦୫ଠାରୁ ଉକ୍ତ ସୂଚନା କମିଶନରଦ୍ୱୟ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ସୂଚନା ଅଧିକାର ଆଇନ୍‌ର ଧାରା ୧୮, ୧୯ ଓ ୨୦ ଅନୁଯାୟୀ ସେମାନେ ସୂଚନାରୁ ବଞ୍ଚିତ ହେଉଥିବା ନାଗରିକମାନଙ୍କ ଠାରୁ ସୂଚନା ପ୍ରଦାନରେ ଅବହେଳା କରୁଥିବା ଜନସୂଚନା ଅଧିକାରୀ ତଥା ଆଇନ୍‌ର ଉଲ୍ଲଂଘନ ଘଟାଉଥିବା ଜନକର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଅଭିଯୋଗ ଓ ଅପିଲ୍ ଗ୍ରହଣ କରି ତଦନ୍ତ ଓ ଶୁଣାଣି କରିବେ,  ଏବଂ ଆବଶ୍ୟକ ସ୍ଥଳେ ସେମାନଙ୍କ ବିରୁଦ୍ଧରେ ଜୋରିମାନା ଏବଂ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ୍ କରିବେ । ଆଇନ୍‌ର ଧାରା ୧୫(୪) ଅନୁଯାୟୀ ରାଜ୍ୟ କମିଶନ୍ ଏକ ସ୍ୱୟଂଚାଳିତ ଅନୁଷ୍ଠାନ ଭାବେ କାମ କରିବ ଏବଂ କାହାରି ପ୍ରଭାବ-ବଳୟର ବଶବର୍ତ୍ତୀ ନହୋଇ ନିରପେକ୍ଷ ଢଙ୍ଗରେ ନିଜର କର୍ତ୍ତବ୍ୟ ସଂପାଦନ କରିବ । ପୁଣି ଧାରା ୧୮(୩) ଅନୁଯାୟୀ ସୂଚନା କମିଶନ୍ ଏକ ସିଭିଲ୍ କୋର୍ଟ ଭାବେ କାମ କରିବ, ଅର୍ଥାତ୍ ଆଇନ୍‌ର ଖିଲାପ କରୁଥିବା ଯେ କୌଣସି ଅଧିକାରୀଙ୍କୁ ସମନ୍ କରିପାରିବ ଏବଂ ତା'ର ସମସ୍ତ ମଧ୍ୟ ଯାଞ୍ଚ୍ କରିପାରିବ । ଧାରା ୨୫ରେ କମିଶନ୍‌ଙ୍କୁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷମତା ଦିଆଯାଇଛି, ଯଥା- କମିଶନ୍ ଜନକର୍ତ୍ତୃପକ୍ଷମାନଙ୍କଠାରୁ ଏହି ଆଇନ୍‌ର କାର୍ଯ୍ୟକାରିତା ସମ୍ବନ୍ଧରେ ତଥ୍ୟମାନ ସଂଗ୍ରହ କରି ସେଗୁଡିକର ଏକ ସଂକଳିତ ବିବରଣୀ ରାଜ୍ୟ ସରକାରଙ୍କୁ ପ୍ରଦାନ କରିବେ, ଯାହାକି ବିଧାନସଭାରେ ଉପସ୍ଥାପନ କରାଯିବ । ତେଣୁ ସାମଗ୍ରୀକ ଭାବେ ଦେଖିଲେ ରାଜ୍ୟ ସୂଚନା କମିଶନ୍ ଏକ ସ୍ୱୟଂଚାଳିତ ଅନୁଷ୍ଠାନ ଏବଂ ସୂଚନା ଅଧିକାର ଆଇନ୍‌କୁ ସୁରକ୍ଷା ଦେବା ଏହାର ପ୍ରମୁଖ କର୍ତ୍ତବ୍ୟ । କିନ୍ତୁ ବାସ୍ତବ କ୍ଷେତ୍ରରେ ଦେଖିଲେ, ରାଜ୍ୟ ସୂଚନା କମିଶନ୍‌ଙ୍କ ମତିଗତି ଓ କାର୍ଯ୍ୟଶୈଳୀ ସଂପୂର୍ଣ୍ଣ ଭାବେ ଭିନ୍ନ, ବିପରୀତଧର୍ମୀ ଓ ବିଭ୍ରାନ୍ତିକର । ଗତ ବର୍ଷକର ଅନୁଭୂତି କୁହେ, ସୂଚନା କମିଶନ୍ ଉପରୋକ୍ତ କାର୍ଯ୍ୟଗୁଡିକୁ ସମ୍ପାଦନ କରିବାରେ ଯେ କେବଳ ବିଫଳ ହୋଇଛନ୍ତି, ତାହା ନୁହେଁ, ବରଂ ଯାହାସବୁ ନକରିବା କଥା, ସେସବୁକୁ କରିଚାଲିଛନ୍ତି ।

## କମିଶନ୍ ନିଜେ ସ୍ୱଚ୍ଛ କି ?

**ପ୍ରଥମତଃ** ସୂଚନା ଅଧିକାର ଆଇନ୍‌ର ଧାରା ୪ ଅନୁଯାୟୀ ପ୍ରତ୍ୟେକ ଜନ କର୍ତ୍ତୃପକ୍ଷ ସ୍ୱତଃସ୍ଫୂର୍ତ୍ତ ବା ସ୍ୱେଚ୍ଛାକୃତ ଭାବେ ନିଜ ସଂସ୍ଥା ସଂପର୍କରେ ବିଶଦ୍ ତଥ୍ୟ, ଏହାର କାର୍ଯ୍ୟାବଳୀ, ପ୍ରତି ଅଧିକାରୀ ଏବଂ କର୍ମଚାରୀଙ୍କ କ୍ଷମତା ଓ ଦାୟିତ୍ୱ, ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା, ପ୍ରତି କାର୍ଯ୍ୟର ସମ୍ପାଦନ ପାଇଁ ସ୍ଥିରୀକୃତ ମାନଦଣ୍ଡ, କର୍ମଚାରୀମାନଙ୍କ ଦରମା, ଭତ୍ତା, ଅନ୍ୟାନ୍ୟ ସୁବିଧାସୁଯୋଗ, ଓ ପ୍ରତି କାର୍ଯ୍ୟ ପିଛା ଅର୍ଥବରାଦ ଇତ୍ୟାଦି ବିଷୟରେ ସୂଚନା ପ୍ରକାଶ କରିବେ ଏବଂ ଏହା ମଧ୍ୟ ୱେବ୍‌ସାଇଟ୍‌ରେ ସ୍ଥାନ ପାଇବ । ସୂଚନା ଆଇନ୍‌ର ଧାରା ୨(ଏଚ୍) ଅନୁଯାୟୀ ସୂଚନା କମିଶନ୍ ନିଜେ ଏକ ଜନକର୍ତ୍ତୃପକ୍ଷ ହୋଇଥିବାରୁ କମିଶନ୍ ତାଙ୍କର ସମସ୍ତ କାର୍ଯ୍ୟକ୍ରମ ସଂପର୍କିତ ତଥ୍ୟ ସ୍ୱେଚ୍ଛାକୃତ ଭାବେ ୱେବ୍‌ସାଇଟ୍‌ରେ ପ୍ରକାଶ କରିବା ଉଚିତ ଥିଲା । କିନ୍ତୁ କମିଶନ୍‌ଙ୍କ ୱେବ୍‌ସାଇଟ୍ ଦେଖିଲେ ଜଣାପଡିବ ଯେ, ସେମାନେ ଆଇନ୍ ଅନୁଯାୟୀ ଯାହାକିଛି କରିବା କଥା, ତାହା କରାଯାଇନି । ବହୁ ପରିପ୍ରେକ୍ଷିରେ ଏସବୁ ବିଷୟ କମିଶନ୍‌ଙ୍କ ଦୃଷ୍ଟିକୁ ଅଣାଯାଇଛି; ଏବଂ ଏକବର୍ଷ ବିତିଗଲା ପରେ ବି ସେମାନେ ଏ ବିଷୟରେ ନିଶ୍ଚୁପ ଓ ନିଷ୍କ୍ରିୟ ରହିଛନ୍ତି । ଏହି ଅଭାବନୀୟ ପରିସ୍ଥିତିର କୈଫିୟତ୍ କିଏ ଦେବ ?

## କମିଶନ୍ ନା ଅର୍ଥ-ବିତରକ ସଂସ୍ଥା ?

**ଦ୍ୱିତୀୟତଃ** ସୂଚନା କମିଶନ୍ ଅତ୍ୟନ୍ତ ମନମୁଖୀ ଢଙ୍ଗରେ ସମସ୍ତ ବିଧିବ୍ୟବସ୍ଥାକୁ ଉଲ୍ଲଂଘନ କରି ସରକାର ବା କେଉଁ ଏକ ଗୋପନୀୟ ସୂତ୍ରରୁ କିଛି ଅର୍ଥ ଆଣି ନିଜେ ଏକ କୁଜି ଅର୍ଥ-ବିତରକ ସଂସ୍ଥାରେ ପରିଣତ ହୋଇଛନ୍ତି । ପୁଣି ନାଗରିକମାନଙ୍କୁ ବିଶ୍ୱାସକୁ ନନେଇ ଅତ୍ୟନ୍ତ ଲୁକ୍‌କାୟିତ ଏବଂ ସ୍ୱେଚ୍ଛାଚାରୀ ଢଙ୍ଗରେ ନିଜର କିଛି ବୋଲକରା ବେସରକାରୀ ସଂସ୍ଥାକୁ ଚିହ୍ନିକିଛି ଅନୁଦାନ ଦେଇ ସୂଚନା ଅଧିକାର ଆଇନ୍ ନାଁରେ କର୍ମଶାଳା ଓ ଜନଚେତନା ଯାତ୍ରା ଇତ୍ୟାଦି ଆୟୋଜନ କରିଚାଲିଛନ୍ତି, ପୁଣି ଅତ୍ୟନ୍ତ ଲଜ୍ଜାଜନକ ଭାବେ ଏହି କାର୍ଯ୍ୟକ୍ରମଗୁଡିକୁ ନିଜେ ଉଦ୍‌ଘାଟନ କରୁଛନ୍ତି । ପାଠକେ, ଏଠାରେ ମୁଁ ସ୍ପଷ୍ଟଭାବେ ସୂଚାଇଦେବାକୁ ଚାହେଁ ଯେ, ସୂଚନା ଅଧିକାର ଆଇନ୍‌ର କୌଣସି ଧାରାରେ ଏହିସବୁ କାମ ସୂଚନା କମିଶନ୍ କରିବ ବୋଲି ବ୍ୟବସ୍ଥା ରଖାହୋଇନି । ବରଂ ଆଇନ୍‌ର ଧାରା ୨୬ରେ ସ୍ପଷ୍ଟଭାବେ ଉଲ୍ଲେଖ ଅଛି ଯେ, ରାଜ୍ୟ ସରକାର ନିଜେ ସମସ୍ତ ପ୍ରକାର ପ୍ରଚାରମୂଳକ କାର୍ଯ୍ୟ ଆୟୋଜନ କରିବେ । କିନ୍ତୁ ଦୁଃଖର କଥା, ଯାହା ରାଜ୍ୟ ସରକାର କରିବା କଥା, ସୂଚନା କମିଶନ୍ ତାହା କରିଚାଲିଛନ୍ତି । ସୂଚନା ଆଇନ୍ ଅନୁଯାୟୀ କମିଶନ୍ ଏକ ଅର୍ଥ-ବିତରକ ସଂସ୍ଥା ନୁହେଁ; ଏହା ମୁଖ୍ୟତଃ ଏକ ଅର୍ଦ୍ଧ-ନ୍ୟାୟିକ ସଂସ୍ଥା, ଯେ କି ସରକାରଙ୍କ ଦ୍ୱାରା ଆଇନ୍‌ର କାର୍ଯ୍ୟକାରିତାକୁ ଅନୁଧ୍ୟାନ, ସମୀକ୍ଷା କରିବା ସହିତ ସଂଶୋଧନ ପାଇଁ ସୁପାରିଶ୍ କରିପାରିବେ, ଏବଂ ନାଗରିକମାନେ ସହଜରେ ସୂଚନା ପାଇବା କ୍ଷେତ୍ରରେ ଉପୁଜୁଥିବା ସମସ୍ୟାକୁ ସମାଧାନ କରିବେ ତଥା ସୂଚନାରୁ ବଞ୍ଚିତ ନାଗରିକଙ୍କୁ ନ୍ୟାୟପ୍ରଦାନ କରିବେ । କିନ୍ତୁ ଏସବୁ ବଦଳରେ, ଯାହା ସେମାନେ କରିଚାଲିଛନ୍ତି, ତାହାକୁ ଯଦି ଆଇନ୍‌ସଙ୍ଗତ ମନେ କରୁଥାନ୍ତେ, ତେବେ ସେ ବିଭିନ୍ନ ନାଗରିକ ସଂଗଠନମାନଙ୍କୁ ଡକାଇ ଏକ ରାଜ୍ୟସ୍ତରୀୟ କର୍ମଶାଳା ଆୟୋଜନ କରିଥାନ୍ତେ ଏବଂ ସୂଚନା ଆଇନ୍‌ର ପ୍ରଚାର ଓ ପ୍ରସାର ପାଇଁ ପରାମର୍ଶ ଲୋଡିଥାନ୍ତେ, ଏହାଛଡା ସରକାରଙ୍କ ଠାରୁ ଗ୍ରହଣ କରିଥିବା ଅର୍ଥରୁ କେତେଟଙ୍କା କାହାକୁ ଦେଇଛନ୍ତି ଓ ଏବଂ କେଉଁ ମାନଦଣ୍ଡ ଭିତ୍ତିରେ ଅର୍ଥ ଦେଇଛନ୍ତି, ସେସବୁର ସବିଶେଷ ବିବରଣୀ ନିଜ

ୱେବ୍‌ସାଇଟ୍ (www.orissasoochanacommission.nic.in) ରେ ପ୍ରକାଶ କରିଥାନ୍ତେ । ଏହାଦ୍ୱାରା କମିଶନଙ୍କ କାମର ସ୍ୱଚ୍ଛତା ରହିଥାନ୍ତା, ଏବଂ କମିଶନରମାନଙ୍କ ଗୁରୁତ୍ୱ ଓ ସମ୍ମାନ ବୃଦ୍ଧି ପାଇଥାନ୍ତା । ଏଠାରେ ସୂଚନାଯୋଗ୍ୟ ଯେ, କେନ୍ଦ୍ରୀୟ ସୂଚନା କମିଶନ୍ ତାଙ୍କର କାର୍ଯ୍ୟକ୍ରମ ସଂପର୍କୀତ ଆବଶ୍ୟକ ତଥ୍ୟ ନିଜ ୱେବ୍‌ସାଇଟ୍‌ରେ ପ୍ରକାଶ କରିସାରିଛନ୍ତି । କିନ୍ତୁ ରାଜ୍ୟ କମିଶନ୍ ନିଜେ ଆଇନ୍‌ର ରକ୍ଷକ ହୋଇ ଯଦି ଏହାକୁ ପଦଦଳିତ କରିବେ ଏବଂ ଦୀର୍ଘକାଳ ଧରି ପ୍ରଶାସନରେ ରହି ସେଠୁଁ ଶିଖିଆସିଥିବା କୁତ୍ସିତ ଅମଲାତାନ୍ତ୍ରିକ କାଇଦା-କାରସାଦିମାନ ପ୍ରୟୋଗ କରିଚାଲିବେ, ତେବେ ରାଜ୍ୟରେ ସୂଚନା ଅଧିକାର ଆଇନ୍ ମାଧ୍ୟମରେ ପରିକଳ୍ପିତ ଏକ ସ୍ୱଚ୍ଛ, ଦୁର୍ନୀତିମୁକ୍ତ ଏବଂ ଉତ୍ତରଦାୟୀ ଶାସନବ୍ୟବସ୍ଥା ପ୍ରବର୍ତ୍ତୀତ ହୋଇପାରିବ କି ?

**କମିଶନ୍‌ଙ୍କ ଅବୈଧ ଓ ବିଭ୍ରାନ୍ତିକର ରାୟର କେତୋଟି ଦୃଷ୍ଟାନ୍ତ**

**ତୃତୀୟତଃ** ରାଜ୍ୟ ସୂଚନା କମିଶନ୍ ବିଭିନ୍ନ ଅଭିଯୋଗ ଓ ଅପିଲ୍ ଉପରେ ନିଜର ଯେଉଁ ପ୍ରକାର ଫଇସଲା ଶୁଣାଉଛନ୍ତି, ସେଥିରୁ ସ୍ପଷ୍ଟ ମନେହୁଏ, କମିଶନରଦ୍ୱୟ ସୂଚନା ଆଇନ୍‌କୁ ଠିକ୍ ରୂପେ ବୁଝିନାହାନ୍ତି । **ଦୃଷ୍ଟାନ୍ତ-୧** ହେଉଛି, ଆଇନ୍‌ର ଧାରା ୪ ସମ୍ବନ୍ଧରେ । ପାଠକେ ଜାଣିଥିବେ, ଓଡିଶା ସୂଚନା ଅଧିକାର (ସଂଶୋଧନ) ନିୟମାବଳୀ ୨୦୦୬ର ନିୟମ ୨ ଅନୁଯାୟୀ ପ୍ରତି ଜନକର୍ତ୍ତୃପକ୍ଷଙ୍କ ଦ୍ୱାରା ମୂଳ ଆଇନ୍‌ର ଧାରା ୪ ଅଧୀନରେ ସ୍ୱତଃସ୍ଫୂର୍ତ୍ତ ଭାବେ ପ୍ରକାଶିତ ସୂଚନାକୁ ନିରୀକ୍ଷଣ କରିବାକୁ ଆସୁଥିବା ନାଗରିକମାନଙ୍କର ବିବରଣୀ ଲିପିବଦ୍ଧ କରିବା ପାଇଁ ସଂପୃକ୍ତ ଦପ୍ତରରେ ଗୋଟିଏ ସ୍ୱତନ୍ତ୍ର ରେଜିଷ୍ଟର୍ ରହିବ । ଧାରା ୪ର ବ୍ୟବସ୍ଥାକୁ ଆଖିଆଗରେ ରଖି ଦେବଗଡ ପ୍ରେସର୍ ଗ୍ରୁପ୍‌ର କେତେକ କର୍ମୀ ପାଲହଡାର ବ୍ଲକ୍, ତହସିଲ୍, ଥାନା ଓ କେନ୍ଦୁପତ୍ର କାର୍ଯ୍ୟାଳୟକୁ ୭.୨.୦୬ରେ ସୂଚନା ନିରୀକ୍ଷଣ ଓ ସଂଗ୍ରହ କରିବାକୁ ଯାଇଥିଲେ, କିନ୍ତୁ ସଂପୃକ୍ତ ଅଧିକାରୀମାନେ ସେମାନଙ୍କୁ ଆଇନ୍ ଅନୁଯାୟୀ ସୂଚନା ଦେଇନଥିବାରୁ ସେମାନେ କମିଶନ୍‌ଙ୍କ ନିକଟରେ ଧାରା ୧୮(୧) ଅଧୀନରେ ଅଭିଯୋଗ କରିଥିଲେ । କିନ୍ତୁ ଉଭୟ କମିଶନର୍ ଅଭିଯୋକ୍ତାଙ୍କୁ ନଡକେଇ ନିଜେ ମନମୁଖୀ ଭାବେ ଗୋଟିଏ ତାରିଖ (୨୦ଜୁନ୍ ୨୦୦୬)ରେ ସେହି ସମସ୍ତ ଅଭିଯୋଗଗୁଡିକୁ (ଯଥା- ୨୦୦୬ର ଅଭିଯୋଗ ସଂଖ୍ୟା-୩, ୪, ୫, ୬ ଓ ୭)ଖାରଜ କରିଥିଲେ, ଏବଂ ଏତାଦୃଶ ଖାରଜ ସପକ୍ଷରେ ସଫେଇ ଦେଇ କହିଥିଲେ ଯେ, ***"ଆଇନ୍‌ର ଧାରା ୪ ଅନୁଯାୟୀ କେତେକ ସୂଚନାକୁ ସ୍ୱେଚ୍ଛାକୃତ ଭାବେ ପ୍ରକାଶ କରିବାର ଦାୟିତ୍ୱକୁ ସଂପୃକ୍ତ ଜନକର୍ତ୍ତୃପକ୍ଷ ଉଲ୍ଲଂଘନ କରିଛନ୍ତି ବୋଲି ଅଭିଯୋଗପତ୍ରରେ ଦର୍ଶାଯାଇଛି; କିନ୍ତୁ ଏ ବ୍ୟାପାରଟିକୁ କେବଳ ରାଜ୍ୟ କମିଶନ୍‌ଙ୍କ ପ୍ରଶାସନିକ ଶାଖା ଧାରା ୨୫(୫) ବଳରେ ତଦାରଖ କରିପାରିବେ; ଏବଂ ସେହି କାରଣରୁ ଅଭିଯୋଗଟି ଧାରା ୧୮ର ପରିସର ଭିତରକୁ ଆସୁନାହିଁ ଏବଂ ତଦନୁସାରେ ଏହାକୁ ଖାରଜ କରାଯାଉଛି"***। ରାଜ୍ୟ କମିଶନ୍‌ଙ୍କ ଏପ୍ରକାର ମନମୁଖୀ ରାୟଦ୍ୱାରା ସୂଚନା ଆଇନ୍‌ର ଅସଲ ଆତ୍ମା- ଧାରା ୪ ବଳରେ ତତ୍‌କ୍ଷଣାତ୍ ସୂଚନା ନିରୀକ୍ଷଣ ଓ ସଂଗ୍ରହ ପାଇଁ ନାଗରିକମାନଙ୍କର ଅଧିକାର ଆପେଆପେ ଯେ ଅକାମୀ ହୋଇ ପଡିବ, ଏଥିରେ ସନ୍ଦେହ ନାହିଁ ।

କମିଶନ୍‌ଙ୍କ ହୁଙ୍କାପିଟା ନ୍ୟାୟବିଚାରର **ଦୃଷ୍ଟାନ୍ତ-୨** ହେଲା, ବି.ପି.ଏଲ୍. ବ୍ୟକ୍ତିମାନଙ୍କ ପାଇଁ ଫିସ୍ ଲାଗୁ ହେବା ସମ୍ବନ୍ଧରେ । ମୟୁରଭଞ୍ଜ ଜିଲ୍ଲାର ଜଣେ ବି.ପି.ଏଲ୍. ବ୍ୟକ୍ତି ରବୀନ୍ଦ୍ର ନାଥ ଦାସଙ୍କ ଦୁଇଟି ଅଭିଯୋଗ (୨୦୦୬ର ଅଭିଯୋଗ ସଂଖ୍ୟା ୧୧ ଓ ୧୨)କୁ ଗତ ୧୧ଜୁଲାଇ ୨୦୦୬ରେ ଶୁଣାଣି କରି କମିଶନରଦ୍ୱୟ ତାଙ୍କଠାରୁ କେବଳ ଦରଖାସ୍ତ ଫି ଛଡା ଅନ୍ୟାନ୍ୟ ଫିସ୍ ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେମାନେ ତାଙ୍କ ରାୟର ୩ୟ ଅନୁଚ୍ଛେଦରେ ଦର୍ଶାଇଛନ୍ତି ଯେ, ***"ଅଭିଯୋକ୍ତାଙ୍କର ଏକ ଭ୍ରାନ୍ତ ଧାରଣା ଅଛି ଯେ, ବି.ପି.ଏଲ୍. ବ୍ୟକ୍ତିଙ୍କୁ କୌଣସି ଫି ଦେବାକୁ ପଡିବନି; କିନ୍ତୁ ଆଇନ୍ ସୁସ୍ପଷ୍ଟ ଭାଷାରେ କହିଛି ଯେ, ସେ କେବଳ ଦରଖାସ୍ତ ଫି ଦେବେନି"***। କମିଶନ୍‌ଙ୍କ ଏହି ରାୟ ଅତ୍ୟନ୍ତ ହାସ୍ୟାସ୍ପଦ । ଆଇନ୍‌ର ଧାରା ୭(୫)ରେ ସ୍ପଷ୍ଟ ଉଲ୍ଲେଖ ଅଛି ଯେ, ବି.ପି.ଏଲ୍. ବ୍ୟକ୍ତିମାନଙ୍କୁ ତିନିପ୍ରକାର ଫିସ୍ ଯଥା ଦରଖାସ୍ତ ଫିସ୍ (ଧାରା ୬-୧), ସୂଚନାପ୍ରାପ୍ତି ବାବଦ ଫିସ୍ (ଧାରା ୭-୧) ଓ ଇଲେକ୍ଟ୍ରନିକ ମାଧ୍ୟମ ଫିସ୍ (ଧାରା ୭-୫)ରୁ ଛାଡ କରାଯାଇଛି । ରାଜ୍ୟସରକାରଙ୍କ ୱେବ୍‌ସାଇଟ୍‌ରେ ସ୍ଥାନିତ ହୋଇଥିବା 'ପୁନଃପୁନଃ ପ୍ରଶ୍ନ ' (FAQ)ରେ ସ୍ପଷ୍ଟଭାବେ ଲେଖା ହୋଇଛି ଯେ- ***"No fees will be charged from people living below the poverty line", ଅର୍ଥାତ୍ ବି.ପି.ଏଲ୍. ବ୍ୟକ୍ତିମାନଙ୍କ ପାଇଁ କୌଣସି ପ୍ରକାର ଫିସ୍ ଲାଗୁ ହେବନାହିଁ ।***

ରାଜ୍ୟକମିଶନ୍‌ଙ୍କ ଏତାଦୃଶ ରାୟର **ଦୃଷ୍ଟାନ୍ତ-୩** ହେଲା, ପ୍ରମାଣଭାର ସମ୍ବନ୍ଧରେ । ୬ ଜୁଲାଇ ୨୦୦୬ରେ ଶୁଣାଣି ହୋଇଥିବା ଅଭିଯୋଗ ସଂଖ୍ୟା-୨୯/୨୦୦୬ (ଶ୍ରୀ ଆଲ୍‌ବିଶ୍ ମିଞ୍ଜ୍ ବନାମ ସୁନ୍ଦରଗଡ ଜିଲ୍ଲା ସମବାୟ ବ୍ୟାଙ୍କ)ର ରାୟର ଅନୁଚ୍ଛେଦ-୪ରେ ଉଭୟ କମିଶନର୍ କହିଛନ୍ତି ଯେ, ***"The burden of proof to establish the fact of refusal is on the complainant"***, ଅର୍ଥାତ୍ ପ୍ରମାଣଭାର ଅଥବା ପ୍ରମାଣ କରିବାର ଦାୟିତ୍ୱ ଅଭିଯୋକ୍ତାଙ୍କର । କମିଶନରଙ୍କର ଏହି ରାୟ ଅତ୍ୟନ୍ତ ଅଯୌକ୍ତିକ ଓ ଅବାନ୍ତର । କାରଣ ଆଇନ୍‌ର ଧାରା ୧୯(୫) ରେ ସ୍ପଷ୍ଟଭାବେ ଉଲ୍ଲେଖ ଅଛି- ***"In any appeal proceedings, the onus to prove that a denial of a request was justified shall be on the Central Public Information Officer or State Public Information Officer, as the case may be, who denied the request"*** ଅର୍ଥାତ୍, ନାଗରିକଙ୍କୁ ସୂଚନା ପାଇବାରୁ କାହିଁକି ବଞ୍ଚିତ କରାଯାଇଛି, ତାହା ପ୍ରମାଣ କରିବା ଦାୟିତ୍ୱ ସଂପୃକ୍ତ ଜନସୂଚନା ଅଧିକାରୀଙ୍କର, କିନ୍ତୁ ଅଭିଯୋକ୍ତା ନାଗରିକଙ୍କର ନୁହେଁ । ପୁଣି ଧାରା ୨୦(୧)ରେ ଅଛି ଯେ, ***"The burden of proving that he acted reasonably and diligently shall be on the Central Public Information Officer or the State Public Information Officer, as the case may be"*** । ଅର୍ଥାତ୍ ଅପିଲ୍ ଶୁଣାଣି ବେଳେ ଜନସୂଚନା ଅଧିକାରୀଙ୍କୁ ସେ ଯଥାର୍ଥ ଢଙ୍ଗରେ ଓ ତତ୍‌ପରତା ସହକାରେ କାର୍ଯ୍ୟ କରିଛନ୍ତି ବୋଲି ପ୍ରମାଣ କରିବାକୁ ହେବ ।

ରାଜ୍ୟ କମିଶନ୍‌ଙ୍କ ଆଇନ୍-ଉଲ୍ଲଂଘନକାରୀ ରାୟର **ଦୃଷ୍ଟାନ୍ତ-୪** ହେଲା, ଓଡିଶା ହାଇକୋର୍ଟ କମିଶନ୍‌ଙ୍କ କ୍ଷମତା ପରିସରରେ ଅନ୍ତର୍ଭୁକ୍ତ କି ନୁହେଁ ପ୍ରଶ୍ନକୁ କେନ୍ଦ୍ର କରି । ଆଇନ୍‌ର ଧାରା ୨(ଇ)ରେ ରାଷ୍ଟ୍ରପତି, ରାଜ୍ୟପାଳ, ବାଚସ୍ପତି ଓ କେନ୍ଦ୍ରାଞ୍ଚଳ ପ୍ରଶାସକ ଇତ୍ୟାଦିଙ୍କ ସହ ସୁପ୍ରିମ୍ କୋର୍ଟ ଓ

ହାଇକୋର୍ଟର ମୁଖ୍ୟ ନ୍ୟାୟାଧୀଶଙ୍କୁ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ (Competent Authorities) ବୋଲି ସଂଜ୍ଞାୟିତ କରାଯାଇଛି,ଏବଂ ସେମାନଙ୍କ କର୍ତ୍ତୃତ୍ୱାଧୀନରେ ଥିବା ବିଭିନ୍ନ ଅଫିସ୍‌ଅଦାଲତରୁ ଲୋକେ କିପରି ସୂଚନା ପାଇପାରିବେ, ସେଥିପାଇଁ କେଉଁସବୁ ନିୟମାବଳୀ ସେମାନେ ତିଆରି କରିବା ବିଧେୟ, ତାହା ସବିଶେଷଭାବେ ଧାରା ୨୮ରେ ଉଲ୍ଲେଖ ରହିଛି । ଆଇନ୍‌ର ଏହି ନିର୍ଦ୍ଦେଶନାକୁ ପାଳନ କରି ସୁପ୍ରିମ୍ କୋର୍ଟ ଆପଣାଛାଏଁ ନିଜର ଜନସୂଚନା ଅଧିକାରୀ ନିଯୁକ୍ତ କରି ଲୋକଙ୍କୁ ସୂଚନା ଦେବା କାର୍ଯ୍ୟ ବହୁଆଗରୁ ଆରମ୍ଭ କରିସାରିଲେଣି । କେବଳ ସେତିକି ନୁହେଁ, ଜଣେ ନାଗରିକ ସୁପ୍ରିମ୍ କୋର୍ଟର ମୁଖ୍ୟ ନ୍ୟାୟାଧୀଶଙ୍କ ପାଖକୁ ଏକ କେଶ୍ ସମ୍ବନ୍ଧରେ ସୂଚନା ପାଇଁ ପଠାଇଥିବା ଆବେଦନ ଉପରେ କାହିଁକି ନିର୍ଦ୍ଧାରିତ ସମୟସୀମା ଭିତରେ ସନ୍ତୋଷଜନକ ଉତ୍ତର ପାଇଲେ ନାହିଁ, ସେ ବିଷୟରେ ସେ କେନ୍ଦ୍ରୀୟ ସୂଚନା କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ, ଏବଂ କମିଶନ୍ ୧୨ ଡିସେମ୍ବର'୦୫ରେ ସୁପ୍ରିମ୍ କୋର୍ଟର ରେଜିଷ୍ଟ୍ରାର୍‌ଙ୍କୁ ଡକାଇ ଆବେଦକଙ୍କ ଉପସ୍ଥିତିରେ ଅପିଲ୍‌ଟିର ଶୁଣାଣି କରି ଆବେଦିତ ସୂଚନାକୁ ଯଥାଶୀଘ୍ର ସଂପୃକ୍ତ ନାଗରିକଙ୍କୁ ଦେଇଦେବାକୁ ନିର୍ଦ୍ଦେଶ ଦେଇଥିଲେ (ଦ୍ରଷ୍ଟବ୍ୟ- ଅପିଲ୍ ସଂଖ୍ୟା **CIC/A/3/2006**) । କିନ୍ତୁ ଅବାକ୍ ହେବାକୁ ପଡେ, ଏହିଭଳି ଏକ ବ୍ୟାପାରରେ ଓଡିଶା ସୂଚନା କମିଶନ୍‌ଙ୍କ ଭୟାତୁର ମତିଗତି ଦେଖି । ଦାମନଯୋଡିର ଶ୍ରୀ ରବିରମେଶ ମହାନ୍ତି ଏକ ନିର୍ଦ୍ଦିଷ୍ଟ କେଶ୍ କେବେସୁଦ୍ଧା ଫଇସଲା ହେବ, ସେ ବିଷୟରେ ଜିଜ୍ଞାସା କରି ଓଡିଶା ହାଇକୋର୍ଟଙ୍କ ଠାରୁ ସୂଚନା ଅଧିକାର ଆଇନ୍ ଅନୁସାରେ ତଥ୍ୟ ମାଗିଥିଲେ । କିନ୍ତୁ ସେ କୌଣସି ଉତ୍ତର ନପାଇବାରୁ ନ୍ୟାୟ ଅଶାରେ ରାଜ୍ୟ ସୂଚନା କମିଶନ୍‌ଙ୍କ ନିକଟରେ ଅଭିଯୋଗ କରିଥିଲେ । ରାଜ୍ୟର ଦୁଇ କମିଶନର୍ କୌଣସି ପକ୍ଷଙ୍କୁ ନଡକାଇ ନିଜ ଭିତରେ ସଲାସୁତୁରା କରି ଗତ ୭ ଜୁନ୍'୦୬ରେ ଏକ ଦୁଇଧାଡିଆ ମନ୍ତବ୍ୟ ଲେଖି ଅଭିଯୋଗଟିକୁ ଖାରଜ କରି ଦେଇଛନ୍ତି । ସେହି ମନ୍ତବ୍ୟଟି ହେଲା, ***"ଅଭିଯୋକ୍ତା ଚାହିଁଥିବା ସୂଚନାଟି ରାଜ୍ୟ କମିଶନଙ୍କ କ୍ଷମତା ପରିସରର ଉର୍ଦ୍ଧ୍ୱରେ । ତେଣୁ ଯଥାର୍ଥ କ୍ଷେତ୍ରାଧିକାର ନଥିବା ଯୋଗୁଁ ଅଭିଯୋଗଟିକୁ ଗ୍ରହଣ କରାଗଲା ନାହିଁ ଏବଂ ସେଥିପାଇଁ ଖାରଜ କରାଯାଉଛି "*** (ଦ୍ରଷ୍ଟବ୍ୟ- ଅଭିଯୋଗ ସଂଖ୍ୟା ୮/୨୦୦୬) । ଏହାଫଳରେ କୋର୍ଟକଚେରୀ ମାନଙ୍କଠାରୁ ନାଗରିକମାନଙ୍କ ସୂଚନା ଅଧିକାରକୁ ରାଜ୍ୟ କମିଶନ୍ ଜାଣିଶୁଣି ଛଡାଇ ନେଉନାହାନ୍ତି କି ?

**ଦୃଷ୍ଟାନ୍ତ-୫** ହେଲା, ରାଜ୍ୟ କମିଶନ୍ ନିଜେ ଓଡିଶା ସୂଚନା କମିଶନ୍ (ଅପିଲ୍ ପ୍ରକ୍ରିୟା) ନିୟମାବଳୀ ୨୦୦୬କୁ ନଗ୍ନଭାବେ ଉଲ୍ଲଂଘନ କରିଛନ୍ତି । ଏହାର ନିୟମ ୬ର ପରନ୍ତୁକରେ ସ୍ପଷ୍ଟଭାବେ କୁହାଯାଇଛି ଯେ, ***"ଅଭିଯୋକ୍ତାଙ୍କୁ ତାଙ୍କ ବକ୍ତବ୍ୟ ପେଶ୍ କରିବାପାଇଁ ଯଥୋଚିତ ସୁଯୋଗ ନଦେଇ କମିଶନ୍ କୌଣସି ଅଭିଯୋଗକୁ ଖାରଜ କରିପାରିବେ ନାହିଁ ।"*** କିନ୍ତୁ ଉପରେ ସୂଚିତ ଦେବଗଡ ଓ ଦାମନଯୋଡିର ଅଭିଯୋକ୍ତାମାନଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି ଯେ, କମିଶନ୍ ଅଭିଯୋକ୍ତା କି ଅନ୍ୟ କୌଣସି ପକ୍ଷଙ୍କୁ ନଡାକି ନିଜେ ମନମୁଖୀ ନିଷ୍ପତ୍ତି ନେଇଛନ୍ତି ଓ ଏପରିକି ସଂପୃକ୍ତ ପକ୍ଷମାନଙ୍କୁ ଏବେସୁଦ୍ଧା ସେହି ଫଇସଲା ବିଷୟରେ ଜଣାଇନାହାନ୍ତି । ଏପରି ଆଚରଣ ଦ୍ୱାରା ସେମାନେ କେବଳ ଓଡିଶା ନିୟମାବଳୀ ନୁହେଁ, ନୈସର୍ଗିକ ନ୍ୟାୟ ବା **Natural justice** କୁ ନିଜ ଅଭିଧାନରୁ ବିଦାୟ ଦେଇଛନ୍ତି ।

## ଧାରା ୪କୁ ଡର କାହିଁକି ?

**ଚତୁର୍ଥତଃ,** ରାଜ୍ୟ ସୂଚନା କମିଶନ୍ ବିଭିନ୍ନ ଜିଲ୍ଲାରେ ସୂଚନା ଶିବିର ଆୟୋଜନ ନାଁରେ ନିଜର କିଛି ଅନ୍ଧ-ଗୋଡାଣିଆ ସଂସ୍ଥାକୁ ମନମୁଖୀ ଭାବେ ଅର୍ଥବଣ୍ଟନ କରି କେବଳ ଯେ 'ଆର୍ଥିକ ସଦାଚରଣ'ର ସର୍ବଜନ ସ୍ୱୀକୃତ ନୀତିନିୟମକୁ ଜଳାଞ୍ଜଳି ଦେଇଛନ୍ତି, ତାହା ନୁହେଁ, ସେମାନଙ୍କୁ ଆୟୁଧ କରି ସୂଚନା ଅଧିକାର ଆଇନ୍‌ର ଆତ୍ମା- ଧାରା ୪କୁ ଓଡିଶାରେ କିପରି ଶୀତଳ କବର ଦିଆଯାଇପାରିବ ତହିଁର ସୁପରିକଳ୍ପିତ ଷଡଯନ୍ତ୍ର ମଧ୍ୟ ରଚନା କରିସାରିଛନ୍ତି । ପ୍ରମାଣ ସ୍ୱରୂପ, କମିଶନ୍‌ଙ୍କ ଦପ୍ତରରୁ ପ୍ରତି ଶିବିର ପାଇଁ ୩୫ ହଜାର ଟଙ୍କାର ମଞ୍ଜୁରି ଘୋଷଣା ସହ ଯେଉଁ ପତ୍ର ଜିଲ୍ଲାପାଳମାନଙ୍କ ଜରିଆରେ କମିଶନ୍‌ଙ୍କ ଦ୍ୱାରା ଚିହ୍ନିତ ମଞ୍ଚ ନିକଟକୁ ପଠାଯାଇଛି, ସେଥିରେ କେବଳ ଧାରା ୬ ଅଧୀନରେ ଦରଖାସ୍ତ ସଂଖ୍ୟା ବଢାଇବା ଉପରେ ଜୋର୍ ଦିଆଯାଇଛି, ଧାରା ୪ ସମ୍ବନ୍ଧରେ କୌଣସି ଉଲ୍ଲେଖ ନାହିଁ । କିନ୍ତୁ ପାଠକେ ଜାଣନ୍ତି, ଆଇନ୍‌ର ଧାରା ୪(୨) ସ୍ପଷ୍ଟଭାବେ କହିଛି ଯେ, ପ୍ରତି ଜନକର୍ତ୍ତୃପକ୍ଷ ଧାରା ୪(୧ବି) ଅଧୀନସ୍ଥ ୧୭ପ୍ରକାର ସ୍ୱୟଂ-ପ୍ରକାଶନୀୟ ସୂଚନାଗୁଡିକୁ ଏମିତି ଲୋକମାନଙ୍କୁ ଯୋଗାଇଦେବେ ଯେ, ଲୋକେ ସୂଚନା ପାଇବା ପାଇଁ ଆଇନ୍‌ର ଆଶ୍ରୟ ନେବା ଦରକାର ପଡିବନି; ଅର୍ଥାତ୍ ଦରଖାସ୍ତ ଦେଇ ୩୦ଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବନି । ପୁଣି ଧାରା ୪(୪)ରେ କୁହାଯାଇଛି ଯେ, ଧାରା ୪ ଅଧୀନସ୍ଥ ସୂଚନା ମାଗଣା, ନଚେତ୍ କେବଳ ମୁଦ୍ରଣ ମୂଲ୍ୟ ବିନିମୟରେ ମିଳିପାରିବ, ଯାହାକି ଧାରା ୬ ଅଧୀନସ୍ଥ ଦରଖାସ୍ତ ବଦଳରେ ମିଳୁଥିବା ସୂଚନାର ମୂଲ୍ୟ ତୁଳନାରେ ଯଥେଷ୍ଟ କମ୍ । ଉଦାହରଣ ସ୍ୱରୂପ, ଧାରା ୬ ଜରିଆରେ ଯାଇ ଜଣକୁ ପୃଷ୍ଠା ପିଛା ୨ଟଙ୍କା ପଡୁଥିବା ବେଳେ ଧାରା ୪ ଜରିଆରେ ଗଲେ ତାଙ୍କୁ ସେହି ପୃଷ୍ଠାଟି ସଂପୂର୍ଣ୍ଣ ମାଗଣାରେ ମିଳିପାରେ, ନଚେତ୍ ଅତିବେଶୀରେ ୭୫ ପଇସାରୁ ୧ଟଙ୍କା ପଡିପାରେ । ପୁଣି ଯେହେତୁ ଧାରା ୪(୧ବି)ର ସୂଚନାକୁ ନିରୀକ୍ଷଣ କିମ୍ବା ସଂଗ୍ରହ ପାଇଁ ଧାରା ୬(୧) ଅନୁଯାୟୀ ଦରଖାସ୍ତ କରିବାକୁ ପଡିବନି, ଏବଂ ଏପ୍ରକାର ସୂଚନାକୁ ୧୨ଅକ୍ଟୋବର ୨୦୦୫ ପରେ ଯେ କୌଣସି କାର୍ଯ୍ୟଦିବସରେ ତତ୍‌କ୍ଷଣାତ୍ ହାସଲ କରାଯାଇପାରିବ, ତେଣୁ ଏହା ସୁନିଶ୍ଚିତ ଯେ, ଜଣେ ସାଧାରଣ ଗରୀବ ଓ ଅପାଠୁଆ ଲୋକଙ୍କ ପକ୍ଷେ ତାଙ୍କର ଜରୁରୀ, ପେଟପାଟଣା ସମ୍ବନ୍ଧୀତ ସୂଚନାକୁ ତୁରନ୍ତ ହାସଲ କରିବା ଦୃଷ୍ଟିରୁ ଧାରା ୪ର ମହତ୍ତ୍ୱ ଧାରା ୬ଠାରୁ ଯଥେଷ୍ଟ ଅଧିକ । ଏହି ସତ୍ୟ ପୁଣି ଓଡିଶା ପରିପ୍ରେକ୍ଷିରେ ଅଧିକ ପ୍ରାସଙ୍ଗିକ । କାରଣ ଓଡିଶା ସୂଚନା ଅଧିକାର ନୟମାବଳୀ ଏପରି ଢାଞ୍ଚାରେ ତିଆରି ହୋଇଯାଇଛି ଯେ, ଜଣେ ସାଧାରଣ ନାଗରିକ ଧାରା ୬ ଅନୁଯାୟୀ ଦରଖାସ୍ତ କରିବା, ଫିସ୍ ପଇଠ କରିବା ଓ ସୂଚନା ସଂଗ୍ରହ କରିବା ଅତ୍ୟନ୍ତ ଜଟିଳ ଓ କଷ୍ଟକର । ଏହି ପରିସ୍ଥିତିରେ ଯେତେବେଳେ କି ଓଡିଶାରେ ସୂଚନା ଆଇନ୍‌କୁ ଆଗେଇନେବା ପାଇଁ ରାଜ୍ୟ କମିଶନ୍ ଧାରା ୪ର ବହୁଳ ଉପଯୋଗ ଉପରେ ଯଥାସମ୍ଭବ ଅଧିକ ଗୁରୁତ୍ୱ ଆରୋପ କରିବା କଥା, ବିଡମ୍ବନାର ବିଷୟ, କମିଶନ୍ ନିଜ ପୃଷ୍ଠପୋଷକତାରେ ଆୟୋଜନ କରେଇଥିବା ତଥାକଥିତ 'ସୂଚନା ଶିବିର'ରୁ ଧାରା ୪କୁ ନିର୍ବାସନ କରି ଦେଇଛନ୍ତି । କେବଳ ସେତିକି ନୁହେଁ, ଗୋପବନ୍ଧୁ ଏକାଡେମିରେ କମିଶନ୍‌ଙ୍କ ତରଫରୁ ରାଜ୍ୟସରକାରଙ୍କ ଅଧିକାରୀମାନଙ୍କୁ ସୂଚନା ଆଇନ୍ ସମ୍ବନ୍ଧରେ ଯେଉଁ ତାଲିମ୍ ଦିଆଯାଇଥିଲା ସେଥିରେ ମଧ୍ୟ ଧାରା ୪ ଉପରେ ଗୁରୁତ୍ୱ ନଦେଇ କେବଳ ଧାରା ୬ ଉପରେ ଚର୍ବିତଚର୍ବଣ କରାଯାଇଛି । ଏହାପଛରେ ମତଲବ୍ କ'ଣ

ହୋଇପାରେ ? ଆମର ଅନୁମାନ, କମିଶନର୍‌ମାନେ ଯେପରି ନିଜେ ଧାରା ୪ ଅନୁଯାୟୀ ନିଜର ଦରମା, ଭତ୍ତା ଇତ୍ୟାଦି ସମ୍ବନ୍ଧରେ ସ୍ୱୟଂ-ପ୍ରକଟନୀୟ ସୂଚନାକୁ ନିଜ ତରଫରୁ ଘୋଷଣା କରିବାର ଅବଶ୍ୟ-କରଣୀୟ କର୍ତ୍ତବ୍ୟକୁ ଏଡେଇ ଚାଲିଛନ୍ତି, ଏବଂ ସେମାନଙ୍କ ଦେଖାଦେଖି ବହୁ ସରକାରୀ ଦପ୍ତର ମଧ୍ୟ ଅନୁରୂପ ଉଲ୍ଲଂଘନ କରିଚାଲିଛନ୍ତି, ସେମାନେ ଚାହାଁନ୍ତି ନି ଯେ, ଲୋକେ ଧାରା ୪ ବିଷୟରେ ସଚେତନ ହୋଇ ଖୋଦ୍ ସେମାନଙ୍କୁ କି ସରକାରୀ ଅଧିକାରୀମାନଙ୍କୁ ଏସବୁ ବିଷୟରେ ପ୍ରଶ୍ନ ପଚାରନ୍ତୁ ।

**ଜନବିରୋଧୀ ନିୟମାବଳୀ ସମ୍ବନ୍ଧରେ କମିଶନ୍ ଚୁପ୍ କାହିଁକି ?**

**ପଞ୍ଚମତଃ,** ଆଗରୁ ସୂଚନା ଦିଆଯାଇଛି ଯେ, ସୂଚନା କମିଶନ୍‌ଙ୍କ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷମତା ଓ ଦାୟିତ୍ୱ ହେଲା, ଯଦି ସରକାର କିମ୍ବା କୌଣସି ଜନକର୍ତ୍ତୃପକ୍ଷ ଆଇନ୍‌ର ଭାବ ଓ ଭାଷାକୁ ବିରୁଦ୍ଧାଚରଣ କଲାଭଳି ପଦକ୍ଷେପ ନେଇଥାଆନ୍ତି, ତେବେ ତହିଁର ସଂଶୋଧନ ଓ ସଂସ୍କାର ପାଇଁ କମିଶନ୍ ସୁପାରିଶ୍ କରିପାରିବେ (ଧାରା ୨୫) । ପାଠକେ ଜାଣିଛନ୍ତି ଯେ, ଓଡିଶା ସରକାର ଆଇନ୍‌କୁ କାର୍ଯ୍ୟକାରୀ କରିବା ନାଁରେ ଯେଉଁ ଓଡିଶା ସୂଚନା ଅଧିକାର ନିୟମାବଳୀ-୨୦୦୫ ଚାଲୁ କରିଛନ୍ତି, ତାହା କେବଳ ଜନବିରୋଧୀ କି ଆଇନ୍-ପରିପନ୍ଥୀ ନୁହେଁ, ଉଦ୍ଭଟ ମଧ୍ୟ । ଉଦାହରଣ ସ୍ୱରୂପ, ବର୍ତ୍ତମାନ ଜଣେ ବ୍ୟକ୍ତି ଓଡିଶାରେ ରହି ଦିଲ୍ଲୀର କୌଣସି କେନ୍ଦ୍ରୀୟ ଦପ୍ତରକୁ ସୂଚନା ପାଇଁ ଆବେଦନ କରିବା ଏବଂ ସୂଚନା ପାଇବାରେ କୌଣସି ବାଧା ନାହିଁ । କିନ୍ତୁ ଦିଲ୍ଲୀରେ ବସି ଜଣେ ବ୍ୟକ୍ତି ଓଡିଶା ସରକାରଙ୍କ ଏକ ଦପ୍ତରକୁ ଆବେଦନ କରିପାରିବ କି ? କରିପାରିବନି । କାରଣ, ଓଡିଶା ନିୟମାବଳୀ ଅନୁଯାୟୀ ଆବେଦନ ଫିସ୍‌କୁ କେବଳ ନଗଦ ଅର୍ଥ ବା ଟ୍ରେଜେରି ଚାଲାଣ ଆକାରରେ ପଇଠ କରାଯାଇପାରେ । ନଗଦ ଅର୍ଥ ପଇଠ କରିବା ପାଇଁ ସେ ବ୍ୟକ୍ତିଙ୍କୁ ଦିଲ୍ଲୀରୁ ଓଡିଶା ଆସିବାକୁ ପଡିବ, କାରଣ ଓଡିଶା ନିୟମାବଳୀରେ ମନି ଅର୍ଡର, ପୋଷ୍ଟାଲ୍ ଅର୍ଡର୍ କି ବ୍ୟାଙ୍କ ଡ୍ରାଫ୍ଟ ଜରିଆରେ ତାହା ପଇଠ କରିହେବନି । ଅନ୍ୟ ବିକଳ୍ପଟି ହେଲା ଟ୍ରେଜେରୀ ଚାଲାଣ, କିନ୍ତୁ ଦିଲ୍ଲୀରେ ତାହା ମିଳିବାର ପ୍ରଶ୍ନ ନାହିଁ । ଓଡିଶା ନିୟମାବଳୀର ଅବାନ୍ତରତାର ଆଉ ଗୋଟିଏ ଦୃଷ୍ଟାନ୍ତ ହେଲା, ସୂଚନାର ଫିସ୍ ପଇଠ ପାଇଁ ଥିବା ବିଧିବ୍ୟବସ୍ଥା । ବର୍ତ୍ତମାନର ବ୍ୟବସ୍ଥା ଅନୁଯାୟୀ ସଂପୃକ୍ତ ଜନସୂଚନା ଅଧିକାରୀ 'ଫର୍ମ-ବି'ରେ ଆବେଦକଙ୍କୁ ଜଣାଇବେ ଯେ, "ଏ ଚିଠି ପାଇବାର ୧୫ ଦିନ ମଧ୍ୟରେ ଆପଣଙ୍କର ସୂଚନାର ମୂଲ୍ୟ ବାବଦକୁ ମୋଟ ଅମୁକ ପରିମାଣର ଟଙ୍କା ନଗଦ ଅର୍ଥ ଆକାରରେ ନିମ୍ନ ସ୍ୱାକ୍ଷରକାରୀ ଅଧିକାରୀଙ୍କ ନିକଟରେ ଜମା କରନ୍ତୁ, ନଚେତ୍ ଆପଣଙ୍କ ଆବେଦନ ଖାରଜ ହୋଇଯିବ" । ମନେ କରନ୍ତୁ, ଭୁବନେଶ୍ୱରର ଜଣେ ବ୍ୟକ୍ତି ମାଲ୍‌କାନଗିରିର ଗୋଟିଏ ଦପ୍ତରକୁ ସୂଚନା ପାଇଁ ଆବେଦନ କଲାପରେ ସେଠାର ଜନସୂଚନା ଅଧିକାରୀଙ୍କ ପାଖରୁ ଏଭଳିଆ ଏକ ଚିଠି ପାଇଲେ । ବର୍ତ୍ତମାନ ପ୍ରଶ୍ନ ଉଠୁଛି, ଭୁବନେଶ୍ୱରର ସେହି ବ୍ୟକ୍ତି ସୂଚିତ ଦେୟ ପରିମାଣକୁ ନଗଦ ଆକାରରେ କିପରି ପଇଠ କରିବେ ? ଟ୍ରେଜେରି ଚାଲାଣ କି ମନି ଅର୍ଡର କି ପୋଷ୍ଟାଲ୍ ଅର୍ଡର କି ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ତ କରିହେବନି । ତେଣୁ ତାଙ୍କୁ ସମୟ ଓ ଅର୍ଥ ବ୍ୟୟ କରି ଭୁବନେଶ୍ୱରରୁ ମାଲ୍‌କାନଗିରି ଯିବାକୁ ପଡିବ, କେବଳ ନଗଦ ଦେୟ ଜମା କରିବା ପାଇଁ । ୧୦୦ବର୍ଷ ବିତିଗଲେ ବି, ଏପ୍ରକାର ନିୟମାବଳୀ ଦ୍ୱାରା ସୂଚନା ଅଧିକାର ଆଇନ୍ ଓଡିଶାରେ କାର୍ଯ୍ୟକାରୀ ହୋଇପାରିବ କି ? ଏସବୁ ବ୍ୟାପାରରେ କେବଳ ଓଡିଶାର ସିଭିଲ୍ ସଂଗଠନମାନେ ନୁହଁନ୍ତି, ସୂଚନା ଅଧିକାର ଆନ୍ଦୋଳନର ବିଶିଷ୍ଟ ପ୍ରବକ୍ତା ଶ୍ରୀମତୀ ଅରୁଣା ରାୟଙ୍କ ସମେତ ଆହୁରି ଅନେକ ଜାତୀୟ ସ୍ତରର ନେତୃତ୍ୱ ମଧ୍ୟ ଉଭୟ ସରକାର ଓ କମିଶନ୍‌ଙ୍କୁ ଜଣାଇଛନ୍ତି । କିନ୍ତୁ କମିଶନ୍ ବର୍ତ୍ତମାନର ଅବୈଧ ଓ ଜନବିରୋଧୀ ଓଡିଶା ନିୟମାବଳୀକୁ ସଂଶୋଧନ କରିବା ଦିଗରେ ତାଙ୍କର ଆଇନ୍‌ଗତ କ୍ଷମତାକୁ ଥରୁଟିଏ ପାଇଁ ପ୍ରୟୋଗ କରିଛନ୍ତି କି ? ସୁତରାଂ ଏଥିରୁ ମନେହୁଏ, ବର୍ତ୍ତମାନର ରାଜ୍ୟ ସୂଚନା କମିଶନରଦ୍ୱୟ ଆଇନ୍‌ର ରକ୍ଷକ ସାଜିଥିଲେ ହେଁ, କିଛି ନ୍ୟସ୍ତସ୍ୱାର୍ଥୀ ଅମଲାଙ୍କ ଭଳି ନିଜ ଅନ୍ତରରେ ଚାହାଁନ୍ତି ଯେ, ଓଡିଶା ନିୟମାବଳୀର ଗୋଳମାଳିଆ ଅବସ୍ଥା ଏମିତି ଲାଗି ରହିଥାଉ, ଏବଂ ଏମିତି ସୁରୁଖୁରୁରେ ସୂଚନା ଆଇନ୍ ଓଡିଶା ମାଟିରେ ସମାଧି ନେଇନେଉ ।

**ସିଭିଲ୍ ସୋସାଇଟି ସଂଗଠନମାନଙ୍କ ମତାମତ**

'ଓଡିଶାରେ ସୂଚନା ଅଧିକାର ଆଇନ୍‌ର କାର୍ଯ୍ୟକାରିତା ଏବଂ ରାଜ୍ୟ ସୂଚନା କମିଶନ୍‌ଙ୍କ ଭୂମିକା' ଶୀର୍ଷକ ଏକ ଦିନିକିଆ ପରାମର୍ଶ ବୈଠକ ଗତ ଡିସେମ୍ବର ୭ରେ ବାଣୀବିହାର ପି.ଜି.କାଉନ୍‌ସିଲ୍ ହଲ୍‌ରେ ଓଡିଶା ଖାଦ୍ୟ ଅଧିକାର ଅଭିଯାନ ତରଫରୁ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ କି ପୂର୍ବତନ ମନ୍ତ୍ରୀ ଶ୍ରୀ ପଞ୍ଚାନନ କାନୁନ୍‌ଗୋ, ପ୍ରଫେସର୍ ସୂର୍ଯ୍ୟନାରାୟଣ ମିଶ୍ର ଓ ପ୍ରଫେସର୍ ପ୍ରଦୀପ ସରକାରଙ୍କ ସମେତ ରାଜ୍ୟର ବିଭିନ୍ନ କ୍ଷେତ୍ରରୁ ଆସିଥିବା ସ୍ୱେଚ୍ଛାସେବୀ, ମିଡିଆ ପ୍ରତିନିଧି ଓ ସଚେତନ ନାଗରିକମାନେ ଏକାଠି ହୋଇ ସାଂପ୍ରତିକ ସ୍ଥିତିର ବିଭିନ୍ନ ଦିଗ ସମୀକ୍ଷା କରିଥିଲେ । ବିଶେଷକରି ରାଜ୍ୟ ସୂଚନା କମିଶନ୍‌ଙ୍କ ଉପରୋକ୍ତ ବିବାଦୀୟ ଭୂମିକା ମଧ୍ୟ ସମୀକ୍ଷା ପରିସରକୁ ଆସିଥିଲା । ପ୍ରଶ୍ନ ଉଠିଥିଲା, ଯଦି ରାଜ୍ୟ ସୂଚନା କମିଶନ୍ ନିଜର ଦୋଷତ୍ରୁଟିକୁ ସଂଶୋଧନ ନକରି ବର୍ତ୍ତମାନର ଅବାଂଛନୀୟ ମତିଗତି ଓ କାର୍ଯ୍ୟଧାରାକୁ ବଜାୟ ରଖନ୍ତି, ତେବେ କ'ଣ କରାଯିବ ? ସଂଖ୍ୟାଗରିଷ୍ଠ ପ୍ରତିନିଧିଙ୍କ ମତ ଥିଲା ଯେ, ସୂଚନା ଅଧିକାର ଆଇନ୍ ୨୦୦୫ର ଧାରା ୧୭କୁ ପ୍ରୟୋଗ କରିବାକୁ ପଡିବ । ଏହି ଧାରା ଅନୁଯାୟୀ ଯଦି କୌଣସି ସୂଚନା କମିଶନରଙ୍କ 'ଅସଦାଚରଣ ବା ଅପାରଗତା' ସମ୍ବନ୍ଧରେ ଅଭିଯୋଗ ଉଠେ, ତେବେ ରାଜ୍ୟପାଳ ତାହାକୁ ସୁପ୍ରିମ୍ କୋର୍ଟର ଜଣେ ବିଚାରପତିଙ୍କ ଦ୍ୱାରା ତଦନ୍ତ କରାଇବେ ଏବଂ ଯଦି ସେହି ଅଭିଯୋଗର ସତ୍ୟତା ପ୍ରମାଣିତ ହୁଏ, ତେବେ ରାଜ୍ୟପାଳ ସଂପୃକ୍ତ କମିଶନର୍‌ଙ୍କୁ ବହିଷ୍କାର କରିପାରିବେ । ବର୍ତ୍ତମାନ ଓଡିଶା ପରିପ୍ରେକ୍ଷିରେ ଉଭୟ ସୂଚନା କମିଶନରଙ୍କ 'ଅପାରଗତା' କାରଣ ଦର୍ଶେଇ ବିଧିମତେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ଦେବା ସକାଶେ ସେହି ବୈଠକରେ ସଂଖ୍ୟାଗରିଷ୍ଠ ମତ ପ୍ରକାଶ ପାଇଥିଲା । ଆମର କହିବା କଥା ଯେ, କାହାକୁ ହଟେଇ ଆଉ କାହାକୁ କମିଶନର୍ ପଦବୀରେ ବସାଇବା ଆମର ଲକ୍ଷ୍ୟ ନୁହେଁ, କିନ୍ତୁ ଯେ କେହି ବ୍ୟକ୍ତି ସେହି ପଦବୀରେ ଥାଆନ୍ତୁ ନା କାହିଁକି, ସେ ସୂଚନା ଅଧିକାର ଆଇନ୍‌ର ନିର୍ଦ୍ଦେଶିତ ପଥରେ ଚାଲିବା ଦରକାର, ନଚେତ୍ ଆଜି ନୁହେଁ କାଲି, କାଲି ନହେଲେ ଆଉ କେବେ ରାଜ୍ୟର ଜନସାଧାରଣ ଧାରା ୧୭କୁ ପ୍ରୟୋଗ କରିବାକୁ ବାଧ୍ୟ ହେବେ ।

**ପ୍ରଦୀପ ପ୍ରଧାନ, ଆବାହକ, ଓଡିଶା ଖାଦ୍ୟ ଅଧିକାର ଅଭିଯାନ, ମୋବାଇଲ୍- ୯୯୩୭୮-୪୩୪୮୨**